# NATIONAL NEWS BULLETIN (ODIA)

## 28 May - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ପାଇଁ ଆସନ୍ତାକାଲି ଓଡ଼ିଶା ଆସିବେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

– ଆଜି ତିନୋଟି ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କଲେ ବିଜେପି ନେତା ମନ୍ତ୍ରୀ ଅମିତ ଶାହା ।

- ଦିଲ୍ଲୀ ମଦ ନୀତି ଦୁର୍ନୀତି ଜଡ଼ିତ ମନିଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଜାମିନ୍ ଅବଧି ବୃଦ୍ଧି ଆବେଦନକୁ ସୁପ୍ରିମ୍‌କୋର୍ଟଙ୍କ ଅଗ୍ରାହ୍ୟ ।

- ଇଣ୍ଡୋନେସିଆର ପୂର୍ବାଞ୍ଚଳ ପ୍ରଦେଶରେ ଭୂସ୍ଖଳନ ଯୋଗୁଁ ସପ୍ତାହକରେ ୪ ଜଣଙ୍କ ପ୍ରାଣହାନୀ ।

ଏବଂ

- କେରଳରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ।

– ପ୍ରବଳ ବର୍ଷା ହେବା ନେଇ ବିଭିନ୍ନ ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କ ସୂଚନା ଜାରି ।

## ମୋଦୀ–ଶାହା

ଓଡ଼ିଶାରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ମାସ ପହିଲା, ଶନିବାର ଦିନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟର ପ୍ରଚାର କାର୍ଯ୍ୟ ଗୁରୁବାର ସନ୍ଧ୍ୟାରେ ଶେଷ ହେବ । ଏଥିନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ଜାରି ରହିଛି । ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ବାରିପଦାର ଛଉପଡ଼ିଆ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ପ୍ରଧାନମନ୍ତ୍ରୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରଗ୍ରାମର ସିଦ୍ଧମଠ ପଡ଼ିଆଠାରେ ଜନସଭାରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ରାଜ୍ୟରେ ଚଳିତ ଥର ଡବଲ ଇଞ୍ଜିନ୍ ସରକାର ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସେହିପରି ଧାନର ମୂଲ୍ୟ ବୃଦ୍ଧି, ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ, ଧାମରା ବନ୍ଦରକୁ ଶିଳ୍ପାଞ୍ଚଳ କରିବା ଆଦି ଜନହିତକାରୀ କାର୍ଯ୍ୟ

ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଥିଲେ। ରାଜ୍ୟରେ ବିଜେପି ସରକାର ଆସିଲେ ଶିଳ୍ପ ପ୍ରତିଷ୍ଠା ସହ ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦିଆଯିବ ବୋଲି ଶ୍ରୀ ଶାହା କହିଛନ୍ତି।

ଶ୍ରୀ ଶାହା ଦ୍ୱିତୀୟ ନିର୍ବାଚନୀ ପ୍ରଚାର ଯାଜପୁର ଜିଲ୍ଲାର ପାଣିକୋଇଲି ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ଡାକ୍ତରଖାନା ପ୍ରତିଷ୍ଠା, ସୋଲାର ପ୍ୟାନଲେ ମାଧ୍ୟମରେ ମାଗଣା ବିଜୁଳି ବଣ୍ଟନ ଆଦି କରାଯିବ ବୋଲି କହିଥିଲେ।

ନିମାପଡ଼ାଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଶ୍ରୀ ଶାହା ଯୋଗଦେଇ ବିଜେପି ସରକାର ଗଠନ ହେଲେ ଧାନ କ୍ୱଇଣ୍ଟାଲ ପିଛା ୩୧ଶହ ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଆଦି ବୃଦ୍ଧି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଯାଜପୁର ଜିଲ୍ଲା ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶରଥପୁର ବ୍ଲକ ଅସନପୁର ଠାରେ ଆଜି ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ହେବ ବୋଲି କହିଥିଲେ।

ଆସନ୍ତାକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବାଲେଶ୍ୱର ଏବଂ ଭଦ୍ରକରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା କାର୍ଯ୍ୟକ୍ରମ ଥିବା ବେଳେ ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ପ୍ରଚାରର ଶେଷଦିନ ଆସନ୍ତା

୩୦ ତାରିଖ ଗୁରୁବାର ଦିନ ବାଲେଶ୍ୱରରେ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

## ଏସ୍‌ସି-କେଜରିୱାଲ୍

ଦିଲ୍ଲୀ ମଦ ନୀତି ଦୁର୍ନୀତି ଜଡ଼ିତ ମନିଲଣ୍ଡରିଂ ମାମଲାରେ ଅନ୍ତରିଣ ଜାମିନ୍‌କୁ ଆଉ ୭ ଦିନ ବୃଦ୍ଧି ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ଜାତୀୟ ଆବାହକ ଅରବିନ୍ଦ କେଜରିୱାଲଙ୍କ ଆବେଦନକୁ ସୁପ୍ରିମ୍‌କୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ଅଗ୍ରାହ୍ୟ କରିଛନ୍ତି । ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଅନ୍ୟ ଏକ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଥିବା ବେଳେ ଏହି ମାମଲାରେ ଅନ୍ତରୀଣ ଜାମିନ୍ ବୃଦ୍ଧି ଆବେଦନର ଶୁଣାଣି କରିପାରିବେ ନାହିଁ ବୋଲି ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ୍‌ଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି । ପ୍ରଧାନ ବିଚାରପତିଙ୍କ ନିକଟରେ ଆବେଦନ କରି ଏହି ଜାମିନ୍ ଆବେଦନର ଶୁଣାଣି ପାଇଁ ଆଦେଶ ଆଣିବାକୁ କେଜରିୱାଲ୍‌ଙ୍କ ପକ୍ଷରୁ ଏହି ଆବେଦନ କରିଥିବା ବରିଷ୍ଠ ଆଇନ୍‌ଜୀବୀ ଡକ୍ଟର ଅଭିଷେକ ମନୁ ସିଂହଭିଙ୍କୁ ଖଣ୍ଡପୀଠ କହିଛନ୍ତି ।

ସୂଚନା ଯୋଗ୍ୟ ଦିଲ୍ଲୀ ମଦ ନୀତି ଦୁର୍ନୀତି ଜଡ଼ିତ ମନିଲଣ୍ଡରିଂ ମାମଲାର ବିଚାର କରି ଜଷ୍ଟିସ୍ ସଂଜୀବ ଖାନ୍ନା ଏବଂ ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଛନ୍ତି ।

## ଇଣ୍ଡୋନେସିଆ-ଲାଣ୍ଡସ୍ଲାଇଡ୍

ଇଣ୍ଡୋନେସିଆର ପଶ୍ଚିମ ପପୁଆ ଅନ୍ତର୍ଗତ ପୂର୍ବାଞ୍ଚଳ ପ୍ରଦେଶରେ ଗତ ସପ୍ତାହରେ ପ୍ରବଳ ବର୍ଷା ଜନିତ ଭୂସ୍ଖଳନ ଯୋଗୁଁ ୪ ଜଣ ପ୍ରାଣ ହରାଇଛନ୍ତି । ଆଜି ଏ ସମ୍ପର୍କରେ ସୂଚନା ଦେଇ ଦେଶର ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି କହିଛି, ଆର୍‌ଫାକ୍ ପାର୍ବତ୍ୟାଞ୍ଚଳର ଭୂସ୍ଖଳନ ସ୍ଥଳରୁ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି । ଭୂସ୍ଖଳନ ପରେ ଜାରି ରହିଥିବା ଉଦ୍ଧାର କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି । ତେବେ ଆସନ୍ତା କିଛି ଦିନ ପାଇଁ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଆର୍‌ଫାକ୍ ପାର୍ବତ୍ୟାଞ୍ଚଳରେ ପୁନର୍ବାର ଭୂସ୍ଖଳନ ଘଟିପାରେ ବୋଲି ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆଶଙ୍କା ପ୍ରକାଶ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ବର୍ଷା ସମୟରେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବା ପାଇଁ ପରାମର୍ଶ ଦିଆଯିବା ସହ ଉଦ୍ଧାରକାରୀ ଦଳଙ୍କୁ ସ୍ଥିତି ପ୍ରତି ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ପିଏମ୍-ଓ୍ୱେଷ୍ଟବେଙ୍ଗଲ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପଶ୍ଚିମବଙ୍ଗର ଉତ୍ତର ଚବିଶ ପ୍ରଗଣା ଜିଲ୍ଲାରେ ନିର୍ବାଚନୀ ସଭା କରି ବାରାସାତ ଏବଂ ବସିରହାଟ୍ ଲୋକସଭା କ୍ଷେତ୍ରର ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି । ଆୟୋଜିତ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଆଧାରରେ କାର୍ଯ୍ୟ କରିଛି । କଂଗ୍ରେସ ଏବଂ ଇଣ୍ଡି ମେଣ୍ଟ ସାଧାରଣ ଲୋକଙ୍କ ସ୍ୱାର୍ଥ ପ୍ରତି ଯତ୍ନବାନ ନାହାନ୍ତି । ସେମାନେ କେବଳ ନିଜ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଛନ୍ତି । ସି.ଏ.ଏ. ଆଇନ୍ ଅଧୀନରେ ପଶ୍ଚିମବଙ୍ଗରେ ବସବାସ କରୁଥିବା ମତୁଆ ସମ୍ପ୍ରଦାୟକୁ ଭାରତର ନାଗରିକତା ପ୍ରଦାନ କରାଯାଇଛି । ତାଙ୍କ ସରକାର ଅମଳରେ ମହିଳାମାନେ ଅଧିକ ସଶକ୍ତ ହୋଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ।

# ଯୋଗୀ-ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକାଶର ନୂଆ ଚିତ୍ର ଆଙ୍କି ଏକ ନୂଆ ଭାରତ ଗଢ଼ିବାକୁ ଚାହୁଁଥିବା ବେଳେ ଆର୍.ଜେ.ଡି. ଏବଂ କଂଗ୍ରେସ ବିକାଶ କାର୍ଯ୍ୟକୁ ଲାଇନ୍‌ଚ୍ୟୁତ କରିବା ପାଇଁ ଅପଚେଷ୍ଟା ଚଳାଇଛନ୍ତି ବୋଲି ବରିଷ୍ଠ ବିଜେପି ନେତା ତଥା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ

କହିଛନ୍ତି । ପାଟନା ସାହିବ ଲୋକସଭା କ୍ଷେତ୍ର ଅଧୀନ ଫତୁଆ ଠାରେ ଆଜି ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରି ଯୋଗୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରି ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବାରେ ସକ୍ଷମ ହୋଇଛନ୍ତି ।

## କେରଳ-ରେନ୍

କେରଳରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି । ମୁଖ୍ୟତ ରାଜ୍ୟର ଦକ୍ଷିଣ ଭାଗର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି । କୋଟାୟମ୍ ଏବଂ ଏର୍ଣ୍ଣାକୁଲମ୍ ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଭାଗ ରେଡ୍ ଆଲର୍ଟ୍ ଜାରି କରିଥିବା ବେଳେ ଅନ୍ୟ ତିନିଟି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ୍ ଜାରି କରିଛି ।  ଆଗାମୀ ଦିନ ଗୁଡ଼ିକରେ ରାଜ୍ୟର ପଟନମ୍ଥିଟା, ଆଲାପୂଝା, କୋଟାୟମ୍, ଏର୍ଣ୍ଣାକୁଲମ୍ ଏବଂ ଇଡୁକି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଲଗାଣ ବର୍ଷା ଯୋଗୁଁ ଥିରୁଅନନ୍ତପୁରମ୍ ଏବଂ ଏର୍ଣ୍ଣାକୁଲମ୍ ଜିଲ୍ଲାର ତଳିଆ ଅଞ୍ଚଳ ଗୁଡ଼ିକ ଜଳମଗ୍ନ ହୋଇଯାଇଛି । କେରଳ ଏବଂ ଦକ୍ଷିଣ ତାମିଲନାଡୁ ଉପକୂଳରେ ସମୁଦ୍ର ଅଶାନ୍ତ ରହିଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି ।  ପାର୍ବତ୍ୟାଞ୍ଚଳ ଗୁଡ଼ିକରେ ଭୂସ୍ଖଳନର

ସମ୍ଭାବନା ଥିବାରୁ ସ୍ଥାନୀୟ ପ୍ରଶାସନକୁ ବିଭାଗ ସତର୍କ କରାଇବା ସହ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଯିବା ଉପରେ କଟକଣା ଜାରି କରାଯାଇଛି । ପ୍ରବଳ ବର୍ଷା ଲାଗି ରହିଥିବାରୁ ନଦୀବନ୍ଧ ଗୁଡ଼ିକରେ ଜଳପତ୍ତନ ବୃଦ୍ଧି ପାଉଛି । ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି ନଦୀବନ୍ଧ ଗୁଡ଼ିକର ଜଳପତ୍ତନ ସ୍ଥିତି ନିରୀକ୍ଷଣ କରିବା ପାଇଁ ସ୍ଥାନୀୟ ପ୍ରଶାସନକୁ ପରାମର୍ଶ ଦିଆଯାଇଛି । ପାଣିପାଗର ଏହି ସ୍ଥିତି ମୌସୁମୀ ଆଗମନକୁ ସହଜ କରିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ମହା-ସିଏମ୍-ରିଭ୍ୟୁ ମିଟିଂ

ମୌସୁମୀ ଆଗମନକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଆଜି ଏକ ସମୀକ୍ଷା ବୈଠକ କରିଛନ୍ତି । ବୈଠକ ପରେ ମୁଖ୍ୟମନ୍ତ୍ରୀ ସିନ୍ଦେ ଗଣମାଧ୍ୟମକୁ କହିଛନ୍ତି, ଆଗାମୀ ମୌସୁମୀ ବର୍ଷା ପୂର୍ବର ପ୍ରସ୍ତୁତି, ବିପର୍ଯ୍ୟୟ ପରିଚାଳନା, ସମ୍ଭାବ୍ୟ ଭୂସ୍ଖଳନ ସ୍ଥାନର ସ୍ଥିତି, ବିଜ୍ଞାପନ ବୋର୍ଡ୍ ଏବଂ ମୁମ୍ବାଇରେ ପୁନର୍ବାସ ସମ୍ପର୍କିତ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା । ମୌସୁମୀ ବର୍ଷା କାଳରେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଉଥିବା ଗ୍ରାମଗୁଡ଼ିକର ଅଧିବାସୀଙ୍କୁ ଔଷଧ ଓ ଖାଦ୍ୟପାନୀୟ ଯୋଗାଣ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏଥିସହିତ କର୍ଣ୍ଣାଟକ, ତେଲଙ୍ଗାନା ଏବଂ ମଧ୍ୟପ୍ରଦେଶ

ମଧ୍ୟରେ ଜଳବଣ୍ଟନକୁ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି । ମୌସୁମୀ ବର୍ଷା ଜନିତ ସବୁ ପ୍ରକାର ସଂକଟଜନକ ସ୍ଥିତିର ସାମ୍ନା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସିନ୍ଦେ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ଏବଂ ଅଜିତ ପାୱାର, ତିନି ସେନାବାହିନୀର ଅଧିକାରୀ, ତଟରକ୍ଷୀ ବାହିନୀ, ଏନ୍.ଡି.ଆର୍.ଏଫ୍. ଏବଂ ଏସ୍.ଡି.ଆର୍.ଏଫ୍.ର ଅଧିକାରୀମାନେ ବୈଠକରେ ସାମିଲ ଥିଲେ ।

## ଅରୁଣାଚଳ-ହେଭି ରେନ୍‌ଫଲ୍

ଆଗାମୀ କିଛି ଦିନ ଧରି ଅରୁଣାଚଳ ପ୍ରଦେଶରେ ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ – ଆଇ.ଏମ୍.ଡି. ଅନୁମାନ କରିଛି । ରାଜ୍ୟର ପଶ୍ଚିମ କାମେଙ୍ଗ, ପୂର୍ବ କାମେଙ୍ଗ, ପପୁମ୍‌ପାରେ ଏବଂ ଚାଙ୍ଗଲାଙ୍ଗ୍ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ଆର୍ଲଟ ଜାରି କରାଯାଇଛି । ଆଇ.ଏମ୍.ଡି. କହିଛି, ଏହିସବୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏଥିସହିତ ରାଜ୍ୟର ୧୧ଟି ଜିଲ୍ଲାକୁ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଭିତ୍ତିଭୂମି ଏବଂ ଭୂସ୍ଖଳନ ଆଶଙ୍କା ଥିବା ସ୍ଥାନ ଗୁଡ଼ିକରେ ଚଳପ୍ରଚଳ ନ କରିବା ପାଇଁ ଆଇ.ଏମ୍.ଡି. ଜନସାଧାରଣଙ୍କୁ ସତର୍କ

କରାଇଛି । ଏହି ସମୟ ମଧ୍ୟରେ ଅତି ପ୍ରବଳ ବର୍ଷା, ଭୂସ୍ଖଳନ ଏବଂ ଅତର୍କିତ ବନ୍ୟା ଯୋଗୁଁ ଜନପଥରେ ବାହ୍ୟ ଦୃଶ୍ୟମାନ କ୍ଷମତା ଯଥେଷ୍ଟ କମିଯିବା ଆଶଙ୍କା ଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ସେଥିପାଇଁ ସତର୍କ ରହିବାକୁ ବିଭାଗ ପକ୍ଷରୁ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି । ଏହି ସମୟ ମଧ୍ୟରେ ସୁରକ୍ଷିତ ସ୍ଥାନ ଛାଡ଼ି ବାହାରକୁ ନ ଯିବା ପାଇଁ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ସାଧାରଣଙ୍କୁ ନିବେଦନ କରିଛନ୍ତି ।

## ଅରୁଣାଚଳ-ହେଲ୍‌ଥ ଆୱାରନେସ୍

ନାରୀ ସ୍ୱାସ୍ଥ୍ୟ ପାଇଁ ଆନ୍ତର୍ଜାତିକ କାର୍ଯ୍ୟପନ୍ଥା ଦିବସ ଅବସରରେ ଆଜି ଭାରତୀୟ ସେନାର ଭାଲ୍ଲ ବା ବର୍ଚ୍ଛା ବାହିନୀ ପକ୍ଷରୁ ଅରୁଣାଚଳ ପ୍ରଦେଶର ବିଭିନ୍ନ ଜିଲ୍ଲାରେ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସଚେତନତା ଶିବିର ଆୟୋଜିତ ହୋଇଯାଇଛି । ଅନ୍ତର୍ଦେଶୀୟ ସୀମା ସଂଲଗ୍ନ ରାଜ୍ୟର ଟୁଟିଂ, ଅପରସିଆଙ୍ଗ ଜିଲ୍ଲାର ସମ୍ବେଦନଶୀଳ ଗ୍ରାମ ଗୁଡ଼ିକରେ ସେନାର ବର୍ଚ୍ଛା ବାହିନୀ ଏହି ଶିବିର ଆୟୋଜନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପ୍ରତିଷ୍ଠିତ ଡାକ୍ତରମାନଙ୍କ ଦ୍ୱାରା ସଚେତନ କରାଇଥିଲେ ।